# Akashvani, Sambalpur

# SAMBALPURI NEWS MORNING BULLETIN

# 28 August 2026 - 6.47- 6.52 am.

---

ସୁଭଦ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାକ୍ଷୀପୁନି ଅବ୍‌ସରେ ଆଏଜ୍ ଦିନର୍ ୧୧ ବଜେ ନୟାଗଡ଼୍ ଜିଲ୍ଲା ଲାଠିପଡ଼ା ପଡ଼ିଆ ଠାନେ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ସୁଭଦ୍ରା ଯୋଜ୍‌ନାର୍ ୫ ନମ୍ବର୍ କିସ୍ତି ଦିଆଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ହିତାଧିକାରୀମାନ୍‌କୁ ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ଟଙ୍କା ହସ୍ତାନ୍ତର୍ କର୍‌ବେ । ଇ ଖେପେ ୧ କୋଟି ୩ ଲାଖ୍ ୨୬ ହଜାର୍ ୨ ଶହ ୬୨ ଝନ୍ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜ୍‌ନାର୍ ସାହାଜ୍ ଟଙ୍କା ଦିଆଯିବା । ଇ ବାବ୍‌ଦେ ୫ ହଜାର୍ ଶହେ ୬୦ କୋଟି ନୁ ଅଏତ୍‌କା ଟଙ୍କା ପ୍ରତ୍ୟକ୍ଷ ହସ୍ତାନ୍ତର୍ ସୁବିଧା ଜରିଏ ହିତାଧିକାରୀମାନ୍‌କର୍ ବେଙ୍କ୍ ଖାତାକେ ଦିଆଯିବା । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଚସ୍ପତି ସୁରମା ପାଢ଼ୀଙ୍କର୍ ସହେତେ ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ମନ୍ କି ବାତ୍         ଆର୍ଏନ୍ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନା          ଆର୍ଏନ୍ୟୁ/ କଟକ୍

ଭାରତ୍‌ର ଆର୍ଥିକ୍ କ୍ଷେତ୍ରକେ ବର୍‌କସ୍ କରିକରି ଗୁଟେ ବୈପ୍ଳବିକ୍ ପରିବର୍ତ୍ତନ୍ ଆନିଥିବା ପ୍ରଧାନ୍‌ମନ୍ତ୍ରୀ ଜନଧନ୍ ଯୋଜ୍‌ନାକେ ଆଏଜ୍ ୧୨ ବଛର୍ ପୁରା ହେଇଛେ । ୨୦୧୪ ମସିହା ଅଗଷ୍ଟ ମାସର୍ ୨୮ ତାରିଖ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇ ଯୋଜ୍‌ନାର୍ ଶୁଭାରମ୍ଭ କରିଥିଲେ । ଅର୍ଥ ମନ୍ତ୍ରଣାଲୟର୍ ସୂଚ୍‌ନା ଅନ୍‌ସାରେ ଏବ୍‌ତକ୍ ଇ ଯୋଜ୍‌ନାଥି ୫୯ କୋଟିନୁ ଅଏତ୍‌କା ବେଙ୍କ ଖାତା ଖୁଲାଯାଇଛେ । ଇଥି ୩ ଲାଖ ୧୭ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ଜମା କରାଯାଇଥିବା ଜନାପଡ଼ିଛେ । ପୁର୍‌ଥିର୍ ସବୁନୁ ବଡ଼ ଆର୍ଥିକ୍ ଅନ୍ତର୍ଭୁକ୍ତି ପଦକ୍ଷେପ୍ ଭାବେ ପିଏମ୍ ଜନ୍‌ଧନ୍ ଯୋଜ୍‌ନା ସବୁ ଭାରତୀୟଙ୍କୁ ବେଙ୍କ୍ ସେବା ଯୁଗେଇ ଦେବାର୍‌ଥି ସଫଲ୍ ହେଇଛେ । ଫି’ ଏକାଉଂଟ୍‌ଥି କମ୍‌ସେକମ୍ ୫ ହଜାର୍ ୩ ଶହ ୫୬ ଟଙ୍କା ଜମା ରାଶି ହେଇଛେ । ଇ ଯୋଜ୍‌ନାଥି ଗ୍ରାମୀଣ୍ ଆଉ ଅର୍ଦ୍ଧସହରାଂଚଲ୍ ନ ୬୮ ପ୍ରତିଶତ୍ ଏକାଉଂଟ୍ ଖୁଲାଯାଇଥିବାର୍ ବେଲେ ୫୬ ପ୍ରତିଶତ୍ ମହିଲା ବେଙ୍କ୍ ଏକାଉଂଟ୍ ଖୁଲ୍‌ବାର୍‌ଥି ସକ୍ଷମ୍ ହେଇଛନ୍ ।

ଶ୍ରୀମନ୍ଦିର- ରାକ୍ଷୀପୁନି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଆଏଜ୍ ଗହ୍ମାପୁନି ଅବ୍‌ସରେ ସୁଦର୍ଶନ୍ ମହାପୁରୁଙ୍କର୍ ବିଜେ ନୀତି ସହେତେ ବଳଭଦ୍ର ଜନ୍ମ ଆଉ ମାହାପୁରୁମାନ୍‌କର୍ ରାକ୍ଷୀ ଲାଗି ନୀତି ହେବା । ବୀରଡୋରିଥି ମାହାପୁରୁମାନେ ୬ ଥାକିଆ ରାକ୍ଷୀ ପିନ୍ଧ୍‌ବେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ୪ ଟା ସୁନା ଲାଗି ଥିବା ପାଟରାକ୍ଷୀ ଆଉ ଗୁଆର୍ ମାଳି ମାହାପୁରୁମାନ୍‌କୁ ଲାଗି ହେବା । ଇତାର୍‌ସହେତେ ଶ୍ରୀ ସୁଦର୍ଶନ୍ ମାର୍କଣ୍ଡ ପୁଷ୍କରିଣୀକେ ବିଜେ କର୍‌ବେ । ମହାପ୍ରଭୁଙ୍କର୍ ଆଜ୍ଞାମାଳ ଲାଗି ହେଲା ଉତ୍‌ରୁ ଦଇତାପତିମାନେ ଶ୍ରୀ ସୁଦର୍ଶନଙ୍କୁ ଚଉଦୋଳ ନ ବିଜେ କରାବେ । ତାର୍ ଉତ୍‌ରୁ ଗୁଟେ ପଟୁଆର୍‌ଥି ନେଇକରି ମାର୍କଣ୍ଡ ପୁଷ୍କିରିଣୀ ପରିସର୍ ନ ଥିବା ମଣ୍ଡପ୍ ନ ବିଜେ କରାବେ । ଶ୍ରୀମନ୍ଦିର୍ ନ ଉଦୟ ପରବ୍ ହିସାବେ ତିଥିବାର ପାଲନ୍‌ର ବିଧି ରହିଥିବାର୍‌ନୁ ଆଏଜ୍ ରାକ୍ଷୀପୁନି ପାଲନ୍ କରାଯାଉଛେ ।

ଗଙ୍ଗାଧର୍ ମେହେର- ଜୟନ୍ତୀ ଆର୍‌ଏନ୍‌ୟୁ / ସମ୍ବଲପୁର

ସ୍ୱଭାବକବି ଗଙ୍ଗାଧର୍ ମେହେର୍‌ଙ୍କର୍ ଆଏଜ୍ ଜନମ୍‌ଦିନ୍ । ୧୮୬୨ ମସିହା ଶରାବନ୍ ପୁନି ଦିନ ଇ ଯୋଗଜନ୍ମା କବି ଅବିଭକ୍ତ

ସମ୍ବଲ୍‌ପୁର୍ ଜିଲ୍ଲାର୍ ବର୍‌ପାଲି ନ ଜନମ୍ ହେଇଥିଲେ । ଆଲୋକ ଆଉ ଅମୃତର କବି କୁହାଯାଉଥିବା ଗଙ୍ଗାଧର୍ ମେହେର୍‌ଙ୍କର୍ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ, କିଚକବଧ ଆର୍ ଅର୍ଘ୍ୟଥାଳି କବିତା ଗ୍ରନ୍ଥ ତାଙ୍କର୍ ସାରସ୍ୱତ ସାଧନାର ଅମର ସୃଷ୍ଟି ଆଏ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ତାଙ୍କର୍ ଜୟନ୍ତୀ ପାଲନ୍ କରାଯାଉଛେ । ତାଙ୍କର୍ ଜନମ୍ ସ୍ଥାନ୍ ବର୍‌ଗଡ୍ ଜିଲ୍ଲାର୍ ବର୍‌ପାଲି ସହେତେ ସମ୍ବଲ୍‌ପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ଆଉ ଭିନ୍ ଭିନ୍ ଜାଗା ନ ସ୍ୱତନ୍ତ୍ର ଉତ୍ସବ୍ ସମାରୋହ ଆୟୋଜନ୍ କରାଯାଇଛେ ।

ଗଙ୍ଗାଧର୍ ଜୟନ୍ତୀ ସୁବର୍ଣ୍ଣପୁର୍ ସମ୍ବାଦଦାତା

କବି ଗଙ୍ଗାଧର୍ ମେହେର୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ସମ୍ବଲ୍‌ପୁର୍ ବିଶ୍ୱବିଦ୍ୟାଳୟ ପରିସର୍ ନ ଥିବା ତାଙ୍କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରାଯାଇଛେ । ଇ ଅବ୍‌ସରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ବିଧୂଭୂଷଣ୍ ମିଶ୍ର, କୁଳସଚିବ ପ୍ରଫେସର୍ ପ୍ରଦୀପ୍ କୁମାର୍ ନାୟକଙ୍କର୍ ସହେତେ ଅଧ୍ୟାପକ୍ ଅଧ୍ୟାପିକା ଭାବେ ଉପସ୍ଥିତ୍ ଥିଲେ ।

ଗଙ୍ଗାଧର୍ ମେହେର୍ଙ୍କର୍ ଜନ୍ମତିଥି ଅବ୍ସରେ ଆଏବା କାଏଲ୍ ବିଶ୍ୱବିଦ୍ୟାଳୟ ନ ପରିସର୍ ନ ଥିବା ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ନ ମୁଖ୍ୟ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ ।
ସୁବର୍ଣ୍ଣପୁର୍ର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ୍ ମହାନଦୀ ସାହିତ୍ୟ ସଂସଦ୍ ଆଉ ଜିଲ୍ଲା ସଂସ୍କୃତି ପରିଷଦ୍ ତର୍ଫୁ ସ୍ୱଭାବ କବି ଗଙ୍ଗାଧର୍ ମେହେର୍ଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଜିଲ୍ଲାପାଲ୍ ଡକ୍ଟର୍ ନୃପରାଜ୍ ସାହୁ ମୁଖ୍ୟ ଆଲୋଚକ୍ ଭାବେ ଯୋଗ୍ ଦେଇକରି ଗଙ୍ଗାଧର୍ ମେହେର୍ଙ୍କର୍ ସାରସ୍ୱତ ସୃଜନ୍ ପ୍ରକୃତି ଚିତ୍ରଣ ସହେତେ ମା ମାଟି ଆଉ ମାତୃଭାଷାକେ ନେଇକରି ଆଲୋଚନା କରିଥିଲେ ।

ଉତରାଂଚଳ ପୁଲିସ୍ ଡିଆଇଜି ଆର୍ଏନ୍ୟୁ/ ସମ୍ବଲପୁର

ଉତରାଂଚଳ ପୁଲିସ୍ ଡିଆଇଜି ଭାବେ ଚରଣ୍ ସିଂ ମୀନା ଗଲାକାଏଲ୍ ଦାୟିତ୍ୱ ନେଇଛନ୍ । ସମ୍ବଲ୍ପୁର୍ ଜିଲ୍ଲାର୍ ଆଇନ୍ ଶୃଙ୍ଖଳା ସହେତେ ନିଶା କାର୍ବାର୍ ଆଉ ସାଇବର୍ ସୁରକ୍ଷା ଉପ୍ରେ ଅଏତ୍କା ଜୋର୍ ଦିଆଯିବା ବଲି ଶ୍ରୀ ମୀନା କହିଛନ୍ ।

ଇତାର୍‌ସହେତେ ମହିଳା ଆଉ ଶିଶୁ ମାନ୍‌କର୍ ଉପ୍‌ରେ ହେଉଥିବା ଅପରାଧ୍‌କେ ଅଟ୍‌କାବାର୍ ଲାଗି ଜୋର୍ ଦିଆଯିବା ବଲି ସେ କହିଛନ୍ ।

ପାଣିପାଗ/ ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ର ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଦକ୍ଷିଣ ଆଉ ପଶ୍ଚିମ ଇଲକାର୍ ୧୩ ଟା ଜିଲ୍ଲା ନ ବର୍ଷା ହେବା ବଲି ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍‌ସହେତେ ମୟୁର୍‌ଭଞ୍ଜ୍ ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଅତିଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।

ପାଣିପାଗ୍ ବିଭାଗ୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ବଙ୍ଗୋପ୍ ସାଗର୍ ନ ଆଉ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ରହିଛେ । ରଏବାର୍ କି ସୋମ୍‌ବାର୍ ଆଡ଼େ ଇଟା ଲଘୁଚାପ୍‌ଥି ବଦ୍‌ଲିପାରେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର ୬ ବଜେତକ୍ ୬ ଶହ ୨୪ ଦଶ୍‌ମିକ୍ ୨/୩ ଫୁଟ୍ ରହିଥିଲା । ଇହାଦେ ୧୦ ଟା ଗେଟ୍ ଆଉ ପାୱାର୍ ଚେନାଲ୍ ଦେଇକରି ଫି ସେକେଣ୍ଡ୍‌ଥି ଜଲ୍‌ଭଣ୍ଡାର୍‌ନୁ ୧ ଲାଖ୍ ୯୪ ହଜାର୍ ୭ ଶହ ୫୦ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୫ ହଜାର୍ ୭ ଶହ ୯୭ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।